# 20th Meeting of SCO Council of Heads of Government

November 24, 2021

## ଏସସିଓ ସରକାର ମୁଖ୍ୟମାନଙ୍କ ପରିଷଦର 20 ତମ ବୈଠକ

**ନଭେମ୍ବର 24, 2021**

ଏସସିଓ ସରକାର ମୁଖ୍ୟମାନଙ୍କ ପରିଷଦ (ସିଏଚଜି) ର 20 ତମ ବୈଠକ 25 ନଭେମ୍ବର 2021 ରେ କାଜାଖସ୍ତାନର ଅଧ୍ୟକ୍ଷତାରେ ଭର୍ଚୁଆଲ୍ ଫର୍ମାଟରେ ନୁର୍-ସୁଲତାନଠାରେ ଅନୁଷ୍ଠିତ ହେବ। ଏହି ବୈଠକରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଭାରତର ପ୍ରତିନିଧିତ୍ୱ କରିବେ।

ପ୍ରତିବର୍ଷ ଏସସିଓ ସିଏଚଜି ବୈଠକ ଅନୁଷ୍ଠିତ ହୁଏ ଏବଂ ଏହି ବୈଠକରେ ସଂଗଠନର ବାଣିଜ୍ୟ ଓ ଅର୍ଥନୈତିକ ଏଜେଣ୍ଡା ତଥା ଏହାର ବାର୍ଷିକ ବଜେଟ ଅନୁମୋଦନ ଉପରେ ଧ୍ୟାନ ଦିଆଯାଏ। ଏହି ବୈଠକରେ ଏସସିଓ ସଦସ୍ୟ ରାଷ୍ଟ୍ରମାନଙ୍କର ସରକାର ମୁଖ୍ୟ, ପର୍ଯ୍ୟବେକ୍ଷକ ରାଷ୍ଟ୍ର, ଏସସିଓର ମହାସଚିବ, ଏସସିଓ ଆଞ୍ଚଳିକ ଆତଙ୍କବାଦ ବିରୋଧୀ ସଂରଚନା (ଆରଏଟିଏସ) ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ତୁର୍କମେନିସ୍ତାନ ଏବଂ ଅନ୍ୟ ଆମନ୍ତ୍ରିତ ଅତିଥିମାନେ ଯୋଗଦେବେ।

ଭାରତ ଏହି ଅଞ୍ଚଳର ବିଭିନ୍ନ ଏସସିଓ କାର୍ଯ୍ୟକଳାପ/ଆଲୋଚନା ମେକାନିଜିମ ତଥା ଏସସିଓ ଢାଞ୍ଚାରେ ଅନ୍ୟ ବହୁପକ୍ଷୀୟ ସହଯୋଗରେ ସକ୍ରିୟ ଭାବରେ ଜଡିତ।

**ନୂଆଦିଲ୍ଲୀ**

**ନଭେମ୍ବର 24, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.